## ୧୬ନଂ. ଜାତୀୟ ରାଜପଥରେ ପୃଥକ ଦୁର୍ଘଟଣା

# କାର୍ ଚାଳକ ମୃତ; ମହିଳା କାଉଡ଼ିଆଙ୍କ ସମେତ ୨ ଗୁରୁତର

ଖଲ୍ଲିକୋଟ,୧୩।୭ (ସମିସ)





ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଲଙ୍ଗଳେଶ୍ୱର ନିକଟରେ ରବିବାର ସନ୍ଧ୍ୟାରେ ଦୁଇଟି ଦୁର୍ଘଟଣା ଘଟିଛି। ବାଇକ୍‌କୁ କାର୍ ଧକ୍କା ଦେଇଛି କାର୍ ଏବଂ କାର୍‌କୁ ଧକ୍କା ଦେଇଛି ଟ୍ରଲର। ଏଥିରେ କାର୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ବାଇକ ଚାଳକ ଆହତ ହୋଇଛନ୍ତି। ଅନ୍ୟଏକ ଦୁର୍ଘଟଣାରେ କାଉଡ଼ିଆ ଦଳ ପାଣି ଭାର ନେଇ ଯାଉଥିବା ବେଳେ ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ମହିଳା କାଉଡ଼ିଆ ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ଆଜି ସନ୍ଧ୍ୟା ୫ ଟାରେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ କାର୍ (ନଂ. ଓଡି୦୨ପି-୩୪୪୪) ଲଙ୍ଗଳେଶ୍ୱର ନିକଟରେ ଭାରସାମ୍ୟ ହରାଇ ଆଗରେ ଯାଉଥିବା ଏକ ବାଇକ୍‌କୁ ଧକ୍କା ଦେଇ ଡିଭାଇଡ଼ର ଡେଇଁ ଭୁବନେଶ୍ୱର-ବ୍ରହ୍ମପୁର ରାସ୍ତାକୁ ଚାଲି ଆସିଥିଲା। ଏହି ସମୟରେ ସେହି ରାସ୍ତାରେ ଆସୁଥିବା ଏକ ଟ୍ରଲର (ନଂ. ଏପି ୦୪ ଟିଏକ୍ସ-୨୧୩୧) କାର୍‌କୁ ଧକ୍କା ଦେଇଥିଲା। ଫଳରେ କାର୍ ଯାଇ ରାସ୍ତା କଡ଼ ଲଟା ବୁଦାରେ ପଡିଥିଲା। ଭେଜିପୁଟ ଫାଣ୍ଡି ପୁଲିସ ପହଞ୍ଚି ଗୁରୁତର ଅବସ୍ଥାରେ କାର୍ ଚାଳକ ଭୁବନେଶ୍ୱର ଖଣ୍ଡଗିରି ଥାନା ପାତ୍ରପଡ଼ା ଶଙ୍କରପୁର ଅଞ୍ଚଳର ସତ୍ୟ ଶଙ୍କର ଚୌଧୁରୀ ଓ ବାଇକ ଚାଳକ କୋମଣ୍ଡ ଗ୍ରାମ ର ଜି. ଭିକାରୀ ରେଡିଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ କାର୍ ଚାଳକ ସତ୍ୟଶଙ୍କର ଚୌଧୁରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ସେହିପରି ସନ୍ଧ୍ୟା ସାଢେ ୭ଟାରେ ଶ୍ରାବଣ ମାସ ପ୍ରଥମ ସୋମବାରରେ ଜଳ ଲାଗି ପାଇଁ ଏକ କାଉଡ଼ିଆ ଦଳ ବାଲୁଗାଁ ଅଭିମୁଖେ ଯାଉଥିବା ବେଳେ ଲଙ୍ଗଳେଶ୍ୱର ଓଭର ବ୍ରିଜଠାରେ ଏକ ପିକ୍‌ଅପ ଭ୍ୟାନ ଜଣେ ମହିଳା କାଉଡ଼ିଆଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯିବା ପରେ ତାଙ୍କ ମୁଣ୍ଡ ଉପରେ ପିକ୍‌ଅପ ଭ୍ୟାନ୍‌ଟି ମାଡି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ମହିଳା କାଉଡ଼ିଆ ଜଣକ ବାଣପୁର ପ୍ରତାପ ଅଞ୍ଚଳର ସୁଜ୍ଞାନୀ ନାୟକ ବୋଲି ଜଣା ପଡ଼ିଥିବା ବେଳେ ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି।

# ପୁଲିସ କବ୍‌ଜାରେ ୬ ଆନ୍ତଃଜିଲ୍ଲା ଗାଡ଼ି ଚୋର

ବ୍ରହ୍ମପୁର,୧୩।୭ (ସମିସ): ବ୍ରହ୍ମପୁର ଟାଉନ୍ ଥାନା ପୁଲିସ କବ୍‌ଜାରେ ପଡ଼ିଛନ୍ତି ୬ ଜଣ ଆନ୍ତଃଜିଲ୍ଲା ବାଇକ୍ ଲୁଟେରା। ଏମାନଙ୍କ ନିକଟରୁ ୧୦ଟି ବାଇକ୍ ଜବତ କରିଛି ପୁଲିସ। ତଦନ୍ତରେ ବାଧା ଉପୁଜିବା ଆଶାଙ୍କରେ ନାମ ପ୍ରକାଶ କରିବାକୁ ମନା କରିଛି। ସୋମବାର ଏହି ଲୁଟେରାମାନଙ୍କୁ କୋର୍ଟଚାଲାଣ କରାଯିବ। ଲୁଟେରାମାନେ ଗଞ୍ଜାମ ଓ ଗଜପତି ଜିଲ୍ଲାର ବୋଲି ଜଣାପଡ଼ିଛି। ସୂଚନା ପ୍ରକାରେ ବ୍ରହ୍ମପୁର ପୁଲିସ ଜିଲ୍ଲାର ବିଭିନ୍ନ ଥାନା ଇଲାକାରୁ ନିୟମିତ ଭାବେ ବାଇକ ଚୋରିର ଅଭିଯୋଗ ହେଉଥିଲା। ଶେଷରେ ଏକ ଚୋର ଗ୍ୟାଙ୍ଗକୁ କାବୁ କରିବାରେ ସଫଳ ହୋଇଛି ପୁଲିସ। ଏମାନଙ୍କ ନିକଟରୁ ୧୦ଟି ବାଇକ ଉଦ୍ଧାର ହେବା ସହିତ ଅନେକ ତଥ୍ୟ ହାସଲ କରାଯାଇଛି। ପ୍ରକାଶଯୋଗ୍ୟ ଯେ, ଗତ ଜୁନ ୨୯ ତାରିଖ ରାତି ସାଢେ ୯ଟା ବେଳେ ଆଙ୍କୁଶପୁର ଗ୍ରାମର ଆନନ୍ଦ ସାହୁ କୌଣସି କାମରେ ସ୍ଥାନୀୟ ବିଜୟା ହଲ ନିକଟକୁ ଆସିଥିବାବେଳେ ସେଠାରୁ ତାଙ୍କ ବାଇକ୍ ଚୋରି ହୋଇଥିଲା। ସେହିପରି ହନୁମାନ ବଜାର ମସ୍‌ଜିଦ ଲାଇନ ନିବାସୀ ମହମ୍ମଦ ସଫିଉଦ୍ଦିନ ମଲ୍ଲିକ ଜୁନ୍ ୨୫ ସକାଳେ ଖଲ୍ଲିକୋଟ କଲେଜ ଖେଳ ପଡ଼ିଆକୁ ପ୍ରାତଃଭ୍ରମଣରେ ଆସି ପଡ଼ିଆ

## ୧୦ ବାଇକ ଉଦ୍ଧାର

ବାହାରେ ଗାଡ଼ି ରଖିଥିବାବେଳେ ଚୋରି ହୋଇଯାଇଥିଲା। ଏନେଇ ଟାଉନଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ସିସିଟିଭି ଫୁଟେଜ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏସଆଇ ରଞ୍ଜିତ କୁମାର ଦାସ ଓ ଅନ୍ୟ ପୁଲିସ କର୍ମଚାରୀମାନେ ଚଢାଉ କରି ସମ୍ପ୍ରତି ୬ଜଣଙ୍କୁ କାବୁ କରିବାରେ ଏକପ୍ରକାର ସଫଳ ହୋଇଥିବା ଜଣାପଡ଼ିଛି।

# ଦୁର୍ଘଟଣାରେ ଆହତ ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ବେଲଗୁଣ୍ଠା,୧୩।୭ (ସମିସ): ଗତ ଜୁଲାଇ ୪ରେ ବେଲଗୁଣ୍ଠା ବ୍ଲକ୍ ବଡ଼ବୋର୍‌ସିଂ ଅଞ୍ଚଳରେ ଦୁର୍ଘଟଣାର ଶିକାର ହୋଇଥିବା ଜଣେ ମହିଳାଙ୍କର ଆଜି ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ ସାନବୋର୍‌ସିଂ ଗ୍ରାମର ଧୋବଣୀ ସ୍ୱାଇଁ। ତାଙ୍କ ଝିଅ ପିଙ୍କି ସ୍ୱାଇଁଙ୍କ ଅଭିଯୋଗ ପ୍ରକାରେ, ତାଙ୍କ ମା' ଧୋବଣୀ ଗତ ୪ ତାରିଖରେ କୌଣସି କାମରେ ବଡ଼ବୋର୍‌ସିଂ ସ୍ଥିତ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କକୁ ଯାଇ କାମ ସାରି ପ୍ରାୟ ସାଢେ ୧୨ଟାରେ ରାସ୍ତାକୁ ଆସିବାବେଳେ ସୋରଡ଼ା ପଟୁ ଆସୁଥିବା ଏକ ଟାଟା ମ୍ୟାଜିକ୍ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଭଞ୍ଜନଗର ଓ ପରେ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱର ଏମ୍‌ସ ଓ ପରେ ଏକ ଘରୋଇ ହସ୍‌ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଗାଙ୍ଗପୁର ଥାନାରେ ଏକ ମାମଲା ରୁଜୁକରି ଏଏସ୍‌ଆଇ ପି କେ ଗାଣ୍ଟା ଘଟଣାର ତଦନ୍ତ କରୁଥିବା ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ କହିଛନ୍ତି। ଆସନ୍ତାକାଲି ଭୁବନେଶ୍ୱରରେ ଧୋବଣୀଙ୍କ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଧୋବଣୀ ନିହାତି ଗରିବ ଶ୍ରେଣୀର ମହିଳା ହୋଇଥିବାରୁ ତାଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପ୍ରାକ୍ତନ ଡ଼ିଆଇପିଆର୍‌ଓଙ୍କୁ ପ୍ରେସ୍ କ୍ଲବ ବ୍ରହ୍ମପୁର ପକ୍ଷରୁ ସମ୍ବର୍ଦ୍ଧନା



ବ୍ରହ୍ମପୁର,୧୩।୭ (ସମିସ): ପ୍ରେସ କ୍ଲବ ବ୍ରହ୍ମପୁର ପକ୍ଷରୁ ଏହାର କାର୍ଯ୍ୟାଳୟ ପରିସରରେ ନିକଟରେ ଅବସର ନେଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରେସ୍ କ୍ଲବ ପକ୍ଷରୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେସ କ୍ଲବ ବ୍ରହ୍ମପୁରର ଉପସଭାପତି ଅଭୟ କୁମାର ପାଢୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରହଲ୍ଲାଦ ସାହୁ, କୋଷାଧକ୍ଷ ଶିବ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ଗୋପାଳକ୍ରିଷ୍ଣା ରେଡ଼ି ମଞ୍ଚାସୀନ ଥିଲେ।

ସେହିଭଳି ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ, ଶିବରାମ ଚୌଧୁରୀ, ଲଲାଟେନ୍ଦୁ ଚୌଧୁରୀ, ମୃତ୍ୟୁଞ୍ଜୟ ସାହୁ, ବିକେ ବିଶାରଦ, ରାଜେଶ କୁମାର ସାହୁ, କ୍ଷୀରସିନ୍ଧୁ ମହାନ୍ତି, ଅଭିଜିତ କର, ସୁନୀଲ ସାହୁ, ଦିନେଶ ପଟ୍ଟନାୟକ, ବିକ୍ରମ ଜେନା, ବିଘ୍ନରାଜ ସାହୁ, ଶୁଭେନ୍ଦୁ ସାହୁ, ହିମାଂଶୁ ଶେଖର ସାବତଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ରହି ଶ୍ରୀ ବେହେରାଙ୍କ ଆଗାମୀ ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ। ଶ୍ରୀ ବେହେରା ତାଙ୍କ ଜୀବନ କାଳରେ ଗଞ୍ଜାମ ଜିଲ୍ଲାର ଦାୟିତ୍ୱରେ ରହି ଅନେକ ଉନ୍ନତି ଆଣି ପାରିଛନ୍ତି। ବିଶେଷ କରି ସଠିକ ସମୟରେ ସୂଚନା ପ୍ରଦାନ, ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମା ଆଦି କାର୍ଯ୍ୟ ସୂଚାରୁ ଭାବେ ସମ୍ପାଦନ କରିବା ସହ ଲୋକକଳାର ଉନ୍ନତି ଲାଗି ତାଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ଏଠାରେ କୁହାଯାଇଛି।

# ଅଭିଜ୍ଞ କର୍ମଚାରୀ ନଥିବାରୁ ଲୋକେ ନାକେଦମ୍

ସୋରଡ଼ା,୧୩।୭ (ସମିସ): ସୋରଡ଼ା ତହସିଲ କାର୍ଯ୍ୟାଳୟରେ ନିଯୁକ୍ତ କର୍ମଚାରୀ ମାନଙ୍କ କାର୍ଯ୍ୟ ଦକ୍ଷତା ଅଭାବରୁ ଲୋକେ ହନ୍ତସନ୍ତ ହେଉଛନ୍ତି। କାରଣ ଆଧୁନିକ ଜ୍ଞାନ କୌଶଳ ସହ ସେମାନେ ଅନଭିଜ୍ଞ। ଫଳରେ ନିରୀହ ଜନସାଧାରଣ ନିଜ ଭୂ-ସମ୍ପତ୍ତିକୁ ନେଇ ଅନେକ ମାଲି ମୋକଦ୍ଦମା ସହିତ ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ଗଣ୍ଡଗୋଳ ଭଳି ପରିସ୍ଥିତି ସୃଷ୍ଟି ହେବା ଅନେକ ନଜିର ରହିଛି। ବନ୍ଧଗୋଛା ଓ ହତିଗଡ଼ା, ଲବଣିସର ଆଦି ଅଞ୍ଚଳର ଜମିକୁ ନେଇ ବିଗତ ଦିନ ମାନଙ୍କରେ ଏହି ତହସିଲର ରାଜ୍ୟରେ ପ୍ରମୁଖ ଘଟଣା ହୋଇଥିଲା ବେଳେ ସରକାରଙ୍କୁ ମଧ୍ୟ ନାକେଦାମ ହେବାକୁ ପଡିଥିଲା। ଘଟଣା କ୍ରମରେ ସବୁକିଛି ବଦଳିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହି ତହସିଲର ବଦଳିନାହିଁ କିଛି ବ୍ୟବସ୍ଥା। ଏହି ସରକାରଙ୍କ ସମୟରେ ସଠିକ ଭାବେ କୌଣସି ତହସିଲଦାର ନିର୍ଦ୍ଧାରିତ ସୂଚୀରେ ଅନୁପସ୍ଥିତ ରହିବାରୁ କର୍ମଚାରୀଙ୍କୁ ମଧ୍ୟ ଜନତାଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ସରକାରୀ ନିର୍ଦ୍ଧାରିତ ଦିନରେ କୌଣସି ବି କାମ ହୋଇ ପାରୁନାହିଁ। ସାଧାରଣ ସାର୍ଟିଫିକେଟ ପାଇଁ ବାରମ୍ବାର ଦୌଡ଼ିବାକୁ ପଡୁଥିବା ବେଳେ ମ୍ୟୁଟେସନ ବା ଡିମାର୍କେସନ କଥା ନ କହିବା ଭଲ। କାରଣ ଏଥିପାଇଁ ଅନୁନ୍ୟ ବର୍ଷ ତମାମ ଲାଗୁଥିବା ବେଳେ ଅନେକଙ୍କ ପାଇଁ ଦିନ ଦିନ ବେକାର ହେବାକୁ ପଡୁଛି। ଏଭଳି ପରିଚାଳନାଗତ ତ୍ରୁଟି ହେତୁ ବର୍ଷ ବର୍ଷ ଧରି ଡିମାର୍କେସନ ମାମଲା ପଡିରହିଥିବା ବେଳେ ଗୋଟିଏ ମ୍ୟୁଟେସନ ପାଇଁ ବାରମ୍ବାର ପଟ୍ଟା ପ୍ରଦାନ ଓ ମନଇଚ୍ଛା ଉତ୍ତରାଧିକାରୀ ପ୍ରମାଣପତ୍ର ହେତୁ ନିରୀହ ଜନସାଧାରଣଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




## ସୁକନାଳ ଘାଟିରେ ଦୁର୍ଘଟଣା

# ଦମକଳ ଗାଡ଼ି ଧକ୍କାରେ ନାବାଳକ ମୃତ: ଦୁଇ ଗୁରୁତର

ବୈପାରୀଗୁଡ଼ା,୧୩।୭ (ସମିସ)





ଶ୍ରାବଣ ପ୍ରଥମ ସୋମବାର ପୂର୍ବରୁ ଗୁପ୍ତେଶ୍ୱର ପୀଠରେ ଘଟିଛି ଅଘଟଣ। ଅଗ୍ନିଶମ ବାହିନୀ ଗାଡି ଧକ୍କା ରେ ଜଣେ ନାବାଳକଙ୍କର ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ଏଭଳି ଅଭବନୀୟ ଘଟଣା ଘଟିଛି ବୈପାରୀଗୁଡା ଥାନା ଅନ୍ତର୍ଗତ ଗୁପ୍ତେଶ୍ୱର ସୁକୁନାଳ ଘାଟି ନଦୀ ନିକଟରେ। ଗୁପ୍ତେଶ୍ୱର ପୀଠ ଅଭିମୁଖେ ବାହାରିଥିବା ଅଗ୍ନିଶମ ବାହିନୀ ଗାଡି ସୁକନାଳ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ମାଡି ଯାଇଥିଲା। ଫଳରେ ଗୁପ୍ତେଶ୍ୱର ଅଭିମୁଖେ ଚାଲିଚାଲି ଯାଉଥିବା ବୋଲବମ ମହିଳା ଭକ୍ତଙ୍କୁ ପଛ ପଟୁ ଧକ୍କା ଦେଇଥିଲା ଏବଂ ରାସ୍ତା କଡ଼ରେ ବସିଥିବା ଦୁଇ ନାବାଳକଙ୍କ ଉପରକୁ ଗାଡି ମାଡିଗଲା। ଗାଡ଼ି ତଳେ ଚାପି ହୋଇ ଜଣେ ନାବାଳକଙ୍କ ମୃତ ଘଟିଥିବା ବେଳେ ଅନ୍ୟ ଜଣକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି।

ଖବର ପାଇ ବୈପାରୀଗୁଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୃତକ ହେଲେ ବୈପାରୀଗୁଡା ଥାନା ଅନ୍ତର୍ଗତ ହଳଦୀକୁଣ୍ଡ ପଞ୍ଚାୟତ କନ୍ଦଗୁଡାର ସାତ ବର୍ଷୀୟ ନାବାଳକ ପାର୍ଶ୍ୱରାମ ଦୁରିଆ ଏବଂ ଗୁରୁତର ଦୁଇ ମଧ୍ୟରୁ ଜଣେ ପଡୁଆ ଥାନା ଅଞ୍ଚଳରର ରଶ୍ମିତା ଖିଲ ଏବଂ ଅନ୍ୟଜଣେ କନ୍ଦଗୁଡାର ମୃତକଙ୍କ ଭାଇ ଦଶ ବର୍ଷୀୟ ସହଦେବ ଦୁରୁଆ ବୋଲି ଜଣାପଡିଛି। ବୈପାରୀଗୁଡା ପୋଲିସ ଘଟଣା ସ୍ଥଳରେ ଅଧିକ ତଦନ୍ତ କରୁଛି।

# ଗିରିରୋଡ଼ ଗାର୍ଲ୍ସ ହାଇସ୍କୁଲ ୧୯୮୬ବ୍ୟାଚ୍‌ର ବନ୍ଧୁମିଳନ



ବ୍ରହ୍ମପୁର,୧୩।୭ (ସମିସ): ଗିରିରୋଡ୍ ଗାର୍ଲ୍ସ ହାଇସ୍କୁଲ, ବ୍ରହ୍ମପୁରର ୧୯୮୬ ବ୍ୟାଚ୍ ଛାତ୍ରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସ୍ୱର୍ଣ୍ଣଲତା ପଟ୍ଟନାୟକ, ଉତ୍କଳ ମେଲ୍‌ର ଦକ୍ଷିଣ ଓଡ଼ିଶାର ମୁଖ୍ୟ ରଶ୍ମିତା ପାଣିଗ୍ରାହୀ, ସମାଜସେବୀ ମାନସୀ ସାହୁ ସଂଚାଳନ କରିଥିଲେ। ଦୀର୍ଘଦିନ ପରେ ସମସ୍ତେ ଏକାଠି ହୋଇ ପୁରୁଣା ଦିନର ସ୍ମୃତି ରୋମନ୍ଥନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶ୍ରୀ ମମତା ପଟ୍ଟନାୟକ, ଚେତନା ପତି, ବିନୋଦିନୀ ଗୌଡ଼, ଅପର୍ଣ୍ଣା ମିଶ୍ର, ଅଂଶୁମାଳି, ସସ୍ମିତା, ବୀଣା, ସୂଚେତା, ପ୍ରିୟମ୍ବଦା, ମନସ୍ୱିନୀ ସାହୁ, ମୌସୁମି, ଚିନ୍ମୟୀ ପଣ୍ଡା, ସ୍ମିତା, ଇନ୍ଦିରା ହୋତା, ଦିପ୍ତି, ପ୍ରମିତା, ଅନ୍ନପୂର୍ଣ୍ଣା, ସବିତା, ମମତା, ସୁଲୋଚନା, ମାନସୀ, ଲୀନା, ସଂଯୁକ୍ତା, ଯାଜ୍ଞସେନୀ, ରୋଜାଲିନ୍, ଉଷା ପାଢୀ, ସବିତା ବେହେରା, ଲକ୍ଷ୍ମୀ, କବିତା, ସୁଜାତା ପ୍ରମୁଖଙ୍କ ସତେମ ବହୁ ସଦସ୍ୟ ଯୋଗ ଦେଇଥିଲେ। ଏ ଅବସରରେ ପାରମ୍ପରିକ ଛେନାପୋଡ଼ କଟାଯାଇ ସମସ୍ତେ ଖୁସି ମନାଇବା ସହ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ବିଭିନ୍ନ ଝଲକ ଏଠାରେ ଦେଖିବାକୁ ମିଳିଥିଲା।

# ସାଧ୍ୱୀ କନ୍‌ଷ୍ଟ୍ରକ୍‌ସନ୍ ଆଣ୍ଡ ଲଜିଷ୍ଟିକ୍ସ ମାଲିକ ଗିରଫ

ବ୍ରହ୍ମପୁର,୧୩।୭ (ସମିସ)



ରେସିଡେନ୍ସିଆଲ ପ୍ଲଟ ଦେବା ଆଳରେ ୨୦୦ଗ୍ରାହକଙ୍କ ଠାରୁ ପ୍ରାୟ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଚୂନ ଲଗାଇଥିବା ଅଭିଯୋଗରେ ସହରର ଜଣେ ପ୍ରତିଷ୍ଠିତ ବିଲ୍ଡର ତଥା ଜମି ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ ଗୋଷାଣିନୂଆଗାଁ ଥାନା ପୁଲିସ। ଗିରଫ ବ୍ୟବସାୟୀ ଜଣକ ହେଲେ ଗୋଷାଣିନୂଆଗାଁ ପାଣିଗ୍ରାହୀ ସାହିର ଚେତନ କୁମାର ଚୌଧୁରୀ(୪୩)। ବର୍ତ୍ତମାନ ଚେତନ ରାଜାରାଣୀ ରେସିଡେନ୍ସି ଆପାର୍ଟମେଣ୍ଟରେ ରହୁଛନ୍ତି। ଅଭିଯୁକ୍ତ ଚେତନ ଠାରୁ ପ୍ରସ୍ତାବିତ ରେସିଡେନ୍ସିଆଲ ପ୍ଲଟର 'ଲେ-ଆଉଟ ପ୍ଲାନ, ମୈତ୍ରୀ ବିହାରର ଡେଲି କଲେକ୍ସନ ମନି ରିସିପ୍ଟ ଓ ମୟୁରୀ ବିହାରର ମନି ରସିଦ ପୁଲିସ ଜବତ କରିଛି। ସେସପଟେ ବୈଦ୍ୟନାଥପୁର ଥାନାରେ ଅଭିଯୁକ୍ତ ଚେତନଙ୍କ ନାମରେ ପୁଣି ଏକ ଠକେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିଛି। ସେହିପରି ବଡ଼ବଜାର ଥାନାରେ ପ୍ରାୟ ୭ଲକ୍ଷ ଟଙ୍କାର ଠକେଇ ଅଭିଯୋଗ ରହିଛି। ବଡ଼ବଜାର ଥାନା ପୁଲିସ ନଂ.୩୦୦ ଓ ୩୦୧/୨୫ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଉପରୋକ୍ତ ମାମଲାରେ ରିମାଣ୍ଡ ଦେବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ଲାଞ୍ଜିପଲ୍ଲୀ କାଳିଞ୍ଜସାହିର ଏ. ସନ୍ତୋଷ କୁମାର ପାତ୍ର ନାମକ ଜଣେ ଯୁବକ ଗିରଫ ବ୍ୟବସାୟୀ ଚେତନ ଚୌଧୁରୀଙ୍କ ଗୋଷାଣିନୂଆଗାଁ ସ୍ଥିତ 'ସାଧ୍ୱୀ କନଷ୍ଟ୍ରକ୍ସନ ଆଣ୍ଡ ଲଜିଷ୍ଟିକ୍ସ' ନାମକ ସଂସ୍ଥାରେ ଆକାଉଣ୍ଟାଣ୍ଟ ତଥା ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଫଳରେ ଅନ୍ୟ ଏଜେଣ୍ଟ ମାନଙ୍କ ଜରିଆରେ ଗ୍ରାହକଙ୍କଠାରୁ ଆଦାୟ ହେଉଥିବା କମ୍ପାନୀର ବିଭିନ୍ନ ପ୍ଲଟିଂ ସ୍କିମ ବାବଦ କିସ୍ତି ଅର୍ଥକୁ ସଂଗ୍ରହ କରି କମ୍ପାନୀ କାର୍ଯ୍ୟାଳୟରେ ଜମା କରୁଥିଲେ। ଉଭୟ ରେସିଡେନ୍ସିଆଲ ପ୍ଲଟିଂ ସ୍କିମ ୨୦୧୯ ଅଗଷ୍ଟରେ ଆରମ୍ଭ ହୋଇଥିବା ବେଳେ ୨୦୨୧ ସେପ୍ଟେମ୍ବରରେ ଗ୍ରାହକଙ୍କୁ ପ୍ଲଟ ଯୋଗାଇ ଦେବାକୁ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ନିର୍ଦ୍ଧାରିତ ସମୟ ପରେ ମଧ କମ୍ପାନୀ ପକ୍ଷରୁ ଗ୍ରାହକଙ୍କୁ ପ୍ଲଟ ଯୋଗାଇ ଦିଆଯାଇନଥିଲା। ଫଳରେ ଗ୍ରାହକମାନେ କମ୍ପାନୀ କାର୍ଯ୍ୟାଳୟକୁ ଆସି ଆକାଉଣ୍ଟାଣ୍ଟ ଓ ଏଜେଣ୍ଟମାନଙ୍କୁ ପ୍ଲଟ ସଂକ୍ରାନ୍ତରେ ପଚାରୁଥିଲେ। ତେବେ ସମ୍ପୃକ୍ତ ଗ୍ରାହକଙ୍କୁ ଦିଆଯାଇଥିବା ରସିଦ କମ୍ପାନୀର ନୁହେଁ ବରଂ ନକଲି ଏବଂ ଏଭଳି କୌଣସି ସ୍କିମ ସମ୍ପର୍କରେ ଜାଣିନଥିବା କୁଆଡ଼େ କହିଥିଲେ ଚେତନ। ଏପରିକି ଏନେଇ ସଂସ୍ଥାର ମାଲିକ ଚେତନ ଚୌଧୁରୀଙ୍କୁ ଆକାଉଣ୍ଟାଣ୍ଟ ସନ୍ତୋଷ ପଚାରିବାରେ ତାଙ୍କୁ ଚେତନ ଧମକଚମକ ଦେଉଥିବା ସେ ଅଭିଯୋଗ କରିଛନ୍ତି। ପରେ ସନ୍ତୋଷ ଗୋଷାଣିନୂଆଗାଁ ଥାନାରେ ଏତଲା ଦେବା ପରେ ପୁଲିସ ଘଟଣାର ତଦନ୍ତ କରି ବିଲ୍ଡର ଚେତନ କୁମାର ଚୌଧୁରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଚେତନଙ୍କ ନାମରେ ଗୋଷାଣିନୂଆଗାଁ, ବଡବଜାର ଓ ବୈଦ୍ୟନାଥପୁର ଥାନାରେ ଯଥାକ୍ରମେ ୪ଟି ଅପରାଧିକ ମାମଲା ରୁଜୁ ହୋଇଥିବା ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

- ୨ଶହ ଗ୍ରାହକଙ୍କୁ ଲଗାଇଛନ୍ତି ୫କୋଟିରୁ ଅଧିକ ଚୂନ
- ପ୍ରସ୍ତାବିତ ପ୍ରୋଜେକ୍ଟର 'ଲେ-ଆଉଟ ପ୍ଲାନ' ସହିତ ବହୁ ରସିଦ ଜବତ
- ଗୋଷାଣିନୂଆଗାଁ ଓ ବଡ଼ବଜାର ଥାନାରେ ରୁଜୁ ହୋଇଛି ୪ ମାମଲା

# ଅନ୍‌ଲାଇନ୍ ଟ୍ରେଡିଂ ନାଁରେ ୨.୯ ଲକ୍ଷ ଠକେଇ ଅଭିଯୋଗ

**ବ୍ରହ୍ମପୁର,୧୩।୭(ସମିସ):** ଅନ୍‌ଲାଇନ ଟ୍ରେଡିଂ ନାଁରେ ଜଣେ ଯୁବକଙ୍କଠାରୁ ୨ଲକ୍ଷ ୯୦ହଜାର ଟଙ୍କା ଠକେଇ ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ଯୁବକ ଜଣକ ହେଲେ ଏହି ଥାନା ଇଲାକା ଭାବିନାରାୟଣପୁର ଉତ୍କଳ ନଗରର ସୀତାଂଶୁ ପଣ୍ଡା। ଏନେଇ ସେ ସେହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ନାମରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଭାବିନାରାୟଣପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଅନ୍‌ଲାଇନ ଟ୍ରେଡିଂରେ ଟଙ୍କା ବାନ୍ଧି ବହୁ ଲାଭବାନ ହେଉଥିବା ଜାଣିପାରି ସୀତାଂଶୁ ମଧ୍ୟ ଅନ୍‌ଲାଇନ ଟ୍ରେଡିଂ ବିଷୟରେ ବୁଝିଥିଲେ। ପରେ ପଞ୍ଜିକୃତ କରି ୨ଲକ୍ଷ ୯୦ହଜାର ଟଙ୍କା ଜମା କରିଥିଲେ। ଇତି ମଧ୍ୟରେ ସୀତାଂଶୁଙ୍କ ଆକାଉଣ୍ଟକୁ ୨୭ହଜାର ଟଙ୍କା ଆସିଥିଲା। ବଳକା ଟଙ୍କା ନ ମିଳିବାରୁ ପୂର୍ଣ୍ଣଚନ୍ଦ୍ର ବ୍ୟବହାର କରି ଠକେଇ ନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ବ୍ରହ୍ମପୁର ସାହିତ୍ୟ ପରିଷଦର 'ବର୍ଷା କବିତା ଆସର'




**ବ୍ରହ୍ମପୁର,୧୩।୭(ସମିସ):** ଗୋଇଲୁଣ୍ଡୀ ସ୍ଥିତ ଶ୍ରୀରାମ ମନ୍ଦିରଠାରେ ବ୍ରହ୍ମପୁର ସାହିତ୍ୟ ପରିଷଦ "ବର୍ଷା କବିତା ଆସର' ଅନୁଷ୍ଠିତ ହୋଇଯାଇଛି। ବର୍ଷା ସମାଜ ପାଇଁ ଆଶୀର୍ବାଦ, ବର୍ଷାରେ ସାରା ବିଶ୍ୱ ସବୁଜ ରଙ୍ଗରେ ସୁସଜ୍ଜିତ ହୋଇଥାଏ ବୋଲି ବରିଷ୍ଠ ଲେଖିକ ଡ. ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। କବି ଜ୍ୟୋତ୍ସ୍ନାରାଣୀ ଦେବୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସାହିତ୍ୟ ଓ ବର୍ଷା ତଥା କବିତାର ଗଠନ ଓ କାଳଜୟୀ ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ। କବି ସୁଚେତା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ଓ ସମ୍ପାଦକ ବି. ସତ୍ୟମ୍ ଆଚାରୀ ସମ୍ପାଦକୀୟ ପାଠ କରିଥିଲେ। ବିଶିଷ୍ଟ କବି ସୁଶାନ୍ତ ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଆସରରେ ସଂଯୋଜିକା ନିହାରିକା ସାହୁ ସଂଯୋଜନା କରିଥିଲେ। ବହୁ କବି ଏଠାରେ କବିତା ପାଠ କରିଥିଲେ।

# ସବୁଜବାହିନୀ ପକ୍ଷରୁ 'ବୃକ୍ଷ ହିଁ ଜୀବନ' କାର୍ଯ୍ୟକ୍ରମ

● ଚାରାରୋପଣ କଲେ ଏସ୍‌ପି ଓ ଡିଏଫ୍‌ଓ




**ବ୍ରହ୍ମପୁର,୧୩।୭(ସମିସ):** ସହର ଉପକଣ୍ଠ ସୁକୁଣ୍ଡା ଗ୍ରାମ ସ୍ଥିତ ହଜରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ "ବୃକ୍ଷ ହିଁ ଜୀବନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ୍ ଓ ବନଖଣ୍ଡ ଅଧିକାରୀ ସନ୍ନି ଖୋଖର ଯୋଗଦେଇ ସଂଗଠନର ସଦସ୍ୟଙ୍କ ସହ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ଅଶୋକ ଚାରା, ବାଉଁଶ ଏବଂ ବିଭିନ୍ନ ଫଳ ଚାରା ସହ ଶହେରୁ ଅଧିକ ଚାରା ରୋପଣ କରାଯାଇଥିଲା। ଚନ୍ଦନିଆ ପାହାଡ଼କୁ ସଂଯୋଗ କରୁଥିବା ସୁକୁଣ୍ଡା ହଜରେ ସଂଗଠନ ଦ୍ୱାରା ବିଗତ ୫ବର୍ଷ ମଧ୍ୟରେ ୧୫୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ ହୋଇଥିବା ବେଳେ ସେଗୁଡ଼ିକ ଉଚିତ୍ ରକ୍ଷଣାବେକ୍ଷଣ ଯୋଗୁ ବର୍ତ୍ତମାନ ଏକ କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇପାରିଛି। ବର୍ଷାଦିନରେ ହଜରେ ଅତ୍ୟଧିକ ଜଳ ରହିବା ସହ ଏଠାରେ ଔଷଧ ଜାତୀୟ, ଫୁଲ, ଫଳନ୍ତି ଗଛ ରହିଥିବାରୁ ସ୍ଥାନୀୟ ଜଙ୍ଗଲରୁ ପଶୁ ପକ୍ଷୀ, କୀଟ ପତଙ୍ଗଙ୍କ ଆଶ୍ରୟସ୍ଥଳି ପାଲଟିଛି ଏହି ଅଞ୍ଚଳ। ଏହାକୁ ଦୃଷ୍ଟିରେ ରଖି ସଂଗଠନ ଦ୍ୱାରା ଏହି ହଜ ଚତୁଃପାର୍ଶ୍ୱକୁ ଜୈବ ବିବିଧତା ପାର୍କ ଭାବେ ଗଢିବା ପାଇଁ ବନଖଣ୍ଡ ଅଧିକାରୀ ଶ୍ରୀ ଖୋଖରଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ଶ୍ରୀ ଖୋଖର ଏହି ଅଞ୍ଚଳକୁ ପର୍ଯ୍ୟବେକ୍ଷଣ କରିବା ସହ ପ୍ରାରମ୍ଭିକ ଭାବେ ହର୍ବାଲ ପାର୍କ ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ଉପସଭାପତି ଏ ପ୍ରକାଶ, ସହ ସମ୍ପାଦକ ଅନୀଲ ଚୌଧୁରୀ, ପି ବିନୋଦ, ପ୍ରବୀଣ ନାୟକ, ଗଣେଶ ପାଣିଗ୍ରାହୀ, ବନମାଳୀ ପ୍ରଧାନ, ମୁନା ଶତପଥୀ, ଅଜୟ ସାହୁ, କାହ୍ନୁ କେଶବ ଆଚାରୀ, ବନମାଳୀ ପ୍ରଧାନ, ରବି ସାହାଣୀଙ୍କ ସମେତ ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଏମିତି ଚାଲିଛି ଜିଲ୍ଲା ଶିଶୁ ସୁରକ୍ଷା ଶାଖା

# ବ୍ରହ୍ମପୁର ରେଳଷ୍ଟେସନ୍‌ରେ ଅଚଳ 'ଚାଇଲ୍ଡ୍ ହେଲ୍ପଲାଇନ୍ ଡେସ୍କ'

ବ୍ରହ୍ମପୁର,୧୩।୭(ସମିସ)

ଶିଶୁଙ୍କ ସୁରକ୍ଷା ଓ ଶିଶୁଶ୍ରମିକ ମୁକ୍ତ ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଯାହାକୁ ଜିଲ୍ଲାସ୍ତରରେ ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ କରାଯାଉଛି। ତଥାପି ଜିଲ୍ଲାରେ ତଥା ରାଜ୍ୟ ବାହାରକୁ କୋମଳମତି ଶିଶୁଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଦ୍ଦେଶ୍ୟରେ ଚାଲାଣ କରାଯାଉଥିବା ନଜିର ରହିଛି। ଏହାକୁ ଦୃଷ୍ଟିରେ ଶିଶୁଚାଲାଣକୁ ରୋକିବା ସକାଶେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ଶାଖା ପକ୍ଷରୁ ଜିଲ୍ଲାର ବିଭିନ୍ନ ରେଳ ଷ୍ଟେସନରେ 'ଚାଇଲ୍ଡ ହେଲ୍ପଲାଇନ ଡ଼େସ୍କ'ର ବ୍ୟବସ୍ଥା କରାଯାଇଛି। ତେବେ ବ୍ରହ୍ମପୁର ଭଳି ଗୁରୁତ୍ୱପୂର୍ଣ୍ଣ ରେଳଷ୍ଟେସନରେ ଏହି ଶିଶୁ ହେଲ୍ପଲାଇନ ଡ଼େସ୍କ ସଠିକ ଭାବେ କାର୍ଯ୍ୟ କରୁନଥିବା ଦେଖିବାକୁ ମିଳିଛି। ଫଳରେ ପ୍ରତିଦିନ ଅସହାୟ ତଥା କୋମଳମତି ଶିଶୁଙ୍କୁ ଅନ୍ୟତ୍ର ଚାଲାଣ କରିବାରେ ଦଲାଲମାନେ ସଫଳ ହେଉଛନ୍ତି।

ରାଜ୍ୟର ପୁରାତନ ରେଳଷ୍ଟେସନଗୁଡିକ ମଧ୍ୟରେ ବ୍ରହ୍ମପୁର ରେଳଷ୍ଟେସନ ଅନ୍ୟତମ। ଏହା ଉପରେ ଗଞ୍ଜାମ ଜିଲ୍ଲା ସମେତ ବହୁ ଜିଲ୍ଲାର ହଜାର ହଜାର ଯାତ୍ରୀ ଦୈନିକ ନିର୍ଭରଶୀଳ। ବ୍ରହ୍ମପୁର ରେଳଷ୍ଟେସନ ଦେଇ ପ୍ରତିଦିନ ପ୍ରାୟ ୯୦ରୁ ଅଧିକ ଟ୍ରେନ ରାଜ୍ୟ

**ବିଦ୍ୟୁତ୍ ସଂଯୋଗ ନଥିବା ବାହାନାରେ ବିତିଲାଣି ଦୀର୍ଘମାସ**

ତଥା ଦେଶର ବିଭିନ୍ନ ସ୍ଥାନକୁ ଯାତାୟତ କରିଥାଏ। ଫଳରେ ଗଞ୍ଜାମ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଜିଲ୍ଲାର ଦଲାଲମାନେ ଏହି ଷ୍ଟେସନ ଦେଇ ଯାଉଥିବା ଟ୍ରେନରେ ଶିଶୁଶ୍ରମିକଙ୍କୁ ଚାଲାଣ କରୁଥିବା ନଜିର ମଧ୍ୟ ରହିଛି। ଏହାକୁ ରୋକିବାକୁ ଯାଇ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ବ୍ରହ୍ମପୁର ରେଳଷ୍ଟେସନ ପରିସରରେ ଏକ ଚାଇଲ୍ଡ ହେଲ୍ପଲାଇନ ଡ଼େସ୍କ ପ୍ରତିଷ୍ଠା କରାଯାଇଛି। ଏହି ଡେସ୍କ



ଜରିଆରେ ଦଲାଲଙ୍କୁ ଚିହ୍ନଟ କରି ଶିଶୁଙ୍କୁ ଉଦ୍ଧାର କରିବାକୁ ମୋଟ ୬ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ତେବେ ଷ୍ଟେସନ ପରିସରରେ ବା ପ୍ଲାଟଫର୍ମରେ ଥିବା ଚାଇଲ୍ଡ ହେଲ୍ପଲାଇନ ଡ଼େସ୍କ ଏଠାରେ ନିୟୋଜିତ କର୍ମଚାରୀଙ୍କ କାର୍ଯ୍ୟରେ ଆସୁନଥିବା ଦେଖିବାକୁ ମିଳିଛି। ପୂର୍ବରୁ ଥିବା ପୁରୁଣା ଡ଼େସ୍କକୁ ବାହାର କରି ସେଠାରେ ଏକ ନୂତନ ଡେସ୍କ ରଖାଯାଇଛି। ଇତି ମଧ୍ୟରେ ଏକ ମାସରୁ ଅଧିକ କାଳ ବିତିଯାଇଥିଲେ ସୁଦ୍ଧା ନୂତନ ଡ଼େସ୍କକୁ ରେଳବିଭାଗ ପକ୍ଷରୁ ବିଦ୍ୟୁତ ସଂଯୋଗ କରାଯାଇନଥିବା ଜଣାପଡିଛି। ଫଳସ୍ୱରୂପ ଏହି ଡ଼େସ୍କ ବନ୍ଦ ରହିଛି। କର୍ମଚାରୀମାନେ ଡ଼େସ୍କରେ ନରହି ଏଣେତେଣେ ବୁଲୁଛନ୍ତି ଅଥବା ଅନ୍ୟତ୍ର ବସିବାକୁ ବାଧ ହେଉଛନ୍ତି। ଏଭଳି କ୍ଷେତ୍ରରେ ଶିଶୁ ଚାଲାଣ ସମ୍ପର୍କରେ କୌଣସି ଯାତ୍ରୀ କିଛି ସୂଚନା ପ୍ରଦାନ କରିବାକୁ ଚାହିଁଲେ ଚାଇଲ୍ଡ ହେଲ୍ପଲାଇନ ଡ଼େସ୍କର କର୍ମଚାରୀଙ୍କୁ ଖୋଜିବାକୁ ପଡିଥାଏ। ଯାହାର ସୁଯୋଗ ନେଇଛନ୍ତି ଏଠାରେ ସକ୍ରିୟ ଦଲାଲ ଗୋଷ୍ଠୀ। ଅନ୍ୟପକ୍ଷରେ ଡ଼େସ୍କର କର୍ମଚାରୀମାନେ ରେଳଷ୍ଟେସନର ବିଭିନ୍ନ ପ୍ଲାଟଫର୍ମକୁ ଯାଇ ଶିଶୁଶ୍ରମିକଙ୍କୁ ଚିହ୍ନଟ କରିବା ସହ ସନ୍ଦିଗ୍ଧ ବ୍ୟକ୍ତି ଓ ତାଙ୍କ ନିକଟରେ ଥିବା ଶିଶୁଙ୍କୁ ଆର୍‌ପିଏଫ୍ ଓ ଜିଆର୍‌ପିକୁ ହସ୍ତାନ୍ତର କରିବାର ନିୟମ ରହିଛି। ହେଲେ ଷ୍ଟେସନରେ ଥିବା ୪ଟି ପ୍ଲାଟଫର୍ମ ବୁଲିବା ଦୂରର କଥା ଗୋଟିଏ ମଧ୍ୟ ପ୍ଲାଟଫର୍ମ ସେମାନେ ବୁଲୁନଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ଷ୍ଟେସନ ପରିସରରେ ଥିବା ଚାଇଲ୍ଡ ହେଲ୍ପଲାଇନ ଡ଼େସ୍କ ବନ୍ଦ ରହିଥିବା ବେଳେ ଅନ୍ୟପକ୍ଷରେ କର୍ମଚାରୀମାନେ ସଠିକ ଭାବେ ନିଜ ଦାୟିତ୍ୱ ତୁଲାଉନାଥିବା ଅଭିଯୋଗ ହୋଇଛି। ଫଳରେ ଶିଶୁ ହେଲ୍ପଲାଇନ ଡେସ୍କ ସ୍ଥାପନ କରିବାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। ଚାଇଲ୍ଡ ହେଲ୍ପଲାଇନ ଡ଼େସ୍କକୁ ବିଦ୍ୟୁତ ସଂଯୋଗ ନିମନ୍ତେ ବିଦ୍ୟୁତ ବିଭାଗକୁ କୁହାଯାଇଥିବା ବ୍ରହ୍ମପୁର ଷ୍ଟେସନ ମାଷ୍ଟର ଦୁର୍ଗା ପ୍ରସନ୍ନ ବ୍ରହ୍ମା ସଫେଇ ଦେଇଛନ୍ତି। ବିଦ୍ୟୁତ ସଂଯୋଗ ପରେ ଶିଶୁ ଡେସ୍କର ସମସ୍ୟା ସମାଧାନ ହୋଇଯିବ ବୋଲି ସେ ଆଶା କରିଛନ୍ତି।

# ଜିଏମ୍‌ପି ଲାବ୍ କାର୍ଯ୍ୟ ତଦାରଖ କଲେ ପ୍ରମୁଖ ସଚିବ

ବ୍ରହ୍ମପୁର,୧୩।୭(ସମିସ)



ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟ ପରିସରରେ ରାଜ୍ୟ ଟିକା ଉତ୍ପାଦନ ପ୍ରତିଷ୍ଠାନ(ଓବିପିଆଇ)ର ନିର୍ମାଣାଧୀନ ଜିଏମ୍‌ପି(ଗୁଡ଼ ମାନୁଫାକ୍‌ଚରିଂ ପ୍ରାକ୍ଟିସ) ଲାବର ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଛନ୍ତି ବିଭାଗୀୟ ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ। ଏହି ନିର୍ମାଣ କାର୍ଯ୍ୟର ଅଗ୍ରସର ଅନୁଧ୍ୟାନ କରିବା ସହିତ କେବେସୁଦ୍ଧା ଶେଷ ହେବ ସେନେଇ ନିର୍ମାଣ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସେହିଭଳି ଟିକା ଉତ୍ପାଦନର ବିଭିନ୍ନ ଦିଗକୁ ନେଇ ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଏମ୍‌ପି ଲାବ କାର୍ଯ୍ୟକ୍ଷମ ହେଲେ ପଶୁଚିକିତ୍ସା ଓ ଟିକା ଉତ୍ପାଦନରେ ଓଡ଼ିଶାର କ୍ଷମତାକୁ ବୃଦ୍ଧି କରାଯାଇ ପାରିବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପ୍ରମୁଖ ସଚିବ ଶ୍ରୀ ବଶିଷ୍ଠ ସୂଚନା ଦେଇଛନ୍ତି। ପରିଦର୍ଶନ ସମୟରେ ଗଞ୍ଜାମ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡ଼ା. ଅଞ୍ଜନ କୁମାର ଦାସ, ଓବିପିଆଇ ସାଟେଲାଇଟ ୟୁନିଟର ଯୁଗ୍ମ ନିର୍ଦ୍ଦେଶକ ଡ଼ା. ନାରାୟଣ ମହାପାତ୍ର ଓ ଏସଡ଼ିଭିଓ ଡ଼ା. ଅରବିନ୍ଦ ବେହେରାଙ୍କ ସମେତ ବିଭାଗର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତ କିଛିମାସ ଧରି ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟ ପରିସରରେ ୪୫୦୦ବର୍ଗଫୁଟ ଜମିରେ ଜିଏମପି ଲାବକୁ କାର୍ଯ୍ୟକ୍ଷମ କରିବାକୁ ନିର୍ମାଣ କାର୍ଯ୍ୟ ଜାରି ରହିଛି। ୨୦୨୭ ମହିହା ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରହିଛି। ଏହି ଲାବ୍‌ରେ ଆତ୍ୟାଧୁନିକ ତଥା ସ୍ୱୟଂଚାଳିତ ଯନ୍ତ୍ର ଖଞ୍ଜାଯାଇ "ଆନ୍ଥ୍ରାକ୍ସ' ଓ "ଏଣ୍ଟ୍ରୋଟକ୍ସିମିଆ' ଭଳି ଟିକା ଉତ୍ପାଦନ ପରିମାଣ ବୃଦ୍ଧି ପାଇପାରିବ। ବର୍ତ୍ତମାନ ଓବିପିଆଇ ସାଟେଲାଇଟ ୟୁନିଟରେ ବାର୍ଷିକ ୨୦ରୁ ୨୨ଲକ୍ଷ ପର୍ଯ୍ୟନ୍ତ 'ଆନ୍ଥ୍ରାକ୍ସ' ଟିକା ଓ ୧୫ଲକ୍ଷ 'ଏଣ୍ଟ୍ରୋଟକ୍ସିମିଆ' ଟିକା ପ୍ରସ୍ତୁତ ହେଉଛି। ଏହି ଲ୍ୟାବ୍ କାର୍ଯ୍ୟକ୍ଷମ ହେଲେ ଉଭୟ ଟିକା ଉତ୍ପାଦନ ପରିମାଣ ବୃଦ୍ଧି ପାଇବା ସହ ପ୍ରତିବର୍ଷ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆବଶ୍ୟକ ମୁତାବକ ଟିକା ପ୍ରସ୍ତୁତ କରାଯାଇପାରିବ ବୋଲି ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

■ ୟୁନିଅନ୍ କ୍ଲବ୍‌ର ନୂତନ କର୍ମକର୍ତ୍ତା ନିର୍ବାଚିତ

# ସନ୍ତୋଷ ସଭାପତି ଓ ପାର୍ଥ ସମ୍ପାଦକ

ବ୍ରହ୍ମପୁର,୧୩।୭(ସମିସ)

ରାଜ୍ୟର ଅନ୍ୟତମ ଅଗ୍ରଣୀ ତଥା ବ୍ରହ୍ମପୁରର ୟୁନିଅନ କ୍ଲବର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରବିବାର ଅନୁଷ୍ଠିତ ନିର୍ବାଚନରେ କ୍ଲବର ମୋଟ ୩୮୦ଜଣ ସଦସ୍ୟ ଗୁପ୍ତ ମତଦାନ ଜରିଆରେ ନିଜ ଅଧିକାର ସାବ୍ୟସ୍ତ



କରିଥିଲେ। ସନ୍ଧ୍ୟାରେ ପ୍ରକାଶିତ ଫଳାଫଳ ଅନୁଯାୟୀ ଭି. ସନ୍ତୋଷ କୁମାର ନିଜର ନିକଟତମ ପ୍ରତିଦ୍ୱନ୍ଦୀ ବାଳକୃଷ୍ଣ ସାହୁଙ୍କୁ ୧୬୨ଟି ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲେ। ସେହିଭଳି ଉପସଭାପତି ପଦବୀରେ ବିଦ୍ୟୁତ୍ ଭୂଷଣ ପଟ୍ଟନାୟକ (ଗାମୁ) ମାତ୍ର ୫ଖଣ୍ଡ ଭୋଟ ବ୍ୟବଧାନରେ ନିକଟତମ ପ୍ରତିଦ୍ୱନ୍ଦୀ ମିହିର ରଂଜନ ପାଣିଗ୍ରାହୀଙ୍କୁ ପରାସ୍ତ କରିଥିଲେ। ସମ୍ପାଦକ ପଦବୀରେ ସର୍ବାଧିକ ୩ଜଣ ପ୍ରାର୍ଥୀ ମଇଦାନରେ ଥିବାବେଳେ ସନ୍ତୋଷ କୁମାର ପାଢୀ (ପାର୍ଥ) ସର୍ବାଧିକ ୨୬୧ଖଣ୍ଡ ଭୋଟ ବ୍ୟବଧାନରେ ପ୍ରତିଦ୍ୱନ୍ଦୀଙ୍କୁ ପରାସ୍ତ କରି ଏକତରଫା ଭାବେ ବିଜୟୀ ଘୋଷିତ ହୋଇଥିଲେ। କ୍ଲବର ସହ ସମ୍ପାଦକ ଭାବେ ଏଲ. ଶ୍ରୀନିବାସ ରାଓ ନିଜ ପ୍ରତିଦ୍ୱନ୍ଦୀ କେ. ରାମକୃଷ୍ଣ ସେନାପତି(ରଶ୍ମୀ)ଙ୍କୁ ୫ଖଣ୍ଡ ଭୋଟରେ ଏବଂ କୋଷାଧ୍ୟକ୍ଷ ପଦବୀରେ ଜିତେନ୍ଦ୍ର ଗୌଡ ନିଜ ପ୍ରତିଦ୍ୱନ୍ଦୀ ରଶ୍ମୀ ରଂଜନ ଶର୍ମାଙ୍କୁ ୯୦ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ନିର୍ବାଚନରେ କ୍ଲବର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମୋଟ ୧୩ଜଣ ଯଥା ଅବନୀ ସାହୁ, ପଙ୍କଜରାମ ସାହୁ, ଅଶୋକ ସାହୁ, ଡା. ନାରାୟଣ ତିଆଡି, କେ. ଗୌରୀ ଶଙ୍କର ସୁବୁଦ୍ଧି, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଏମ. ଚନ୍ଦ୍ର ପାତ୍ର, ପ୍ରଦ୍ୟୁମ୍ନ କୁମାର ବିଶୋୟୀ, ରବୀନ୍ଦ୍ର ମୋହନ ପଟ୍ଟନାୟକ, ଶ୍ରୀନିବାସ ପୃଷ୍ଟି, ସୁଧୀର କୁମାର ସାହୁ, ସୁରେଶ ଚନ୍ଦ୍ର ପାତ୍ର ଓ ଉମା ଶଙ୍କର ପାଢୀ ନିର୍ବାଚିତ ହୋଇଥିବା କ୍ଲବ ପକ୍ଷରୁ ଜାରି ବିଜ୍ଞପ୍ତିରୁ ଜଣାପଡିଛି।

ନବ ନିର୍ବାଚିତ କର୍ମକର୍ତ୍ତା ୨୦୨୫-୨୭ ଦୁଇବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ନିର୍ବାଚିତ ସମସ୍ତ କର୍ମକର୍ତ୍ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଥିବା ବେଳେ କ୍ଲବର ସଦସ୍ୟ ତଥା ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି।

# ଯୋଗା ଆଚିଭର୍ସଙ୍କ ନକ୍‌ଆଉଟ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ବ୍ରହ୍ମପୁର,୧୩।୭(ସମିସ)

ଆମ୍ବପୁଆ ଯୋଗା ଆଚିଭର୍ସଙ୍କ ନକ୍‌ଆଉଟ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ପୁଲିସ୍ ରିଜର୍ଭ ପଡିଆ ପରିସରରେ ଆୟୋଜିତ ହୋଇଛି। ଏଚିଭର୍ସଙ୍କ ମଧ୍ୟରେ ୩ଟି ଟିମ୍ ଗଠନ କରାଯାଇ ଟୁର୍ଣ୍ଣାମେଣ୍ଟ ହୋଇଥିଲା। ଅତିଥି ଭାବେ ରିଜର୍ଭ ଇନ୍ସପେକ୍ଟର ଏମ୍. ଲକ୍ଷ୍ମୀରଞ୍ଜନ ଓ ଆଚିଭର୍ସଙ୍କ ବରିଷ୍ଠ ସଦସ୍ୟ ଅଭିମନ୍ୟୁ ସାହୁ ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରଥମେ ଟିମ୍-୧ର କ୍ୟାପ୍‌ଟନ୍ ସତ୍ୟନାରାୟଣ ରଥ ଓ ଟିମ୍-୨ର କ୍ୟାପ୍‌ଟନ୍ ରବିନାରାୟଣ ପାଣିଗ୍ରାହୀଙ୍କ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିମ୍-୨ ବିଜୟୀ ହୋଇଥିଲା। ପରେ ଟିମ୍-୨ ସହ ଟିମ୍-୩ର କ୍ୟାପ୍‌ଟନ୍ ବିନୋଦ ବିହାରୀ ମହାନ୍ତିଙ୍କ ମଧ୍ୟରେ ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ଖେଳରେ ଟିମ୍-୨କୁ ହରାଇ ଟିମ୍-୩ ବିଜୟୀ ହୋଇଥିଲା। ବି.ଭୀମରାଜୁ ରେଡି ଓ ସଞ୍ଜୟ ଗୌଡ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ବିଜୟୀ ଟିମ୍‌କୁ ଏଚିଭର୍ସର ସମସ୍ତ ସଦସ୍ୟ ସ୍ୱାଗତ ଜଣାଇଥିଲେ।



# ନାବାଳକଙ୍କୁ ଆକ୍ରମଣର ଭିଡିଓ କରି ଜଣେ ଗିରଫ

**ବ୍ରହ୍ମପୁର,୧୩।୭(ସମିସ):** ଜଣେ ନାବାଳକକୁ କ୍ରିକେଟ ଷ୍ଟିକରେ ଆକ୍ରମଣ କରି ଭିଡ଼ିଓ କରିବା ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଯୁବକ ହେଲେ ନୀଳାଞ୍ଚଳ ନଗରରେ ରହୁଥିବା ଉମେଶ ଚନ୍ଦ୍ର ରଥ (୨୩)। ଉମେଶ ଜଣେ ପେଷାଦାର ଅପରାଧୀ। ଉମେଶଙ୍କ ନାମରେ ୧୧ଟି ହତ୍ୟା ଉଦ୍ୟମ, ଡକାୟତି, ଆର୍ମ ଆକ୍ଟ ଭଳି ବିଭିନ୍ନ ସଙ୍ଗୀନ ମାମଲା ରହିଛି।

ସୂଚନାଯୋଗ୍ୟ ଯେ, ଗତ ଜୁନ ୨୨ରେ ଚାଟର୍ଜି ନଗରରେ ରହୁଥିବା ରଞ୍ଜିତ ପଣ୍ଡାଙ୍କ ୧୭ବର୍ଷର ପୁଅ କୌଣସି କାମରେ ନୀଳାଞ୍ଚଳ ନଗର ଯାଇଥିଲେ। ସେଠାରେ ତାଙ୍କ ପୁଅ ସହ ଅନ୍ୟ ଜଣେ ସାଙ୍ଗ ବି ରହିଥିଲେ। ନାବାଳକ ପୁଅ ଶୌଚ କରୁଥିବା ବେଳେ ହଠାତ ୫ରୁ ୬ଜଣ ଅଜଣା ବ୍ୟକ୍ତି ଘଟଣାସ୍ଥଳକୁ ଆସି ତାଙ୍କୁ ମାଡ଼ ମାରିଥିଲେ। ପରେ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ସମ୍ପୃକ୍ତ ନାବାଳକଙ୍କ ବେକରେ ଖଣ୍ଡା ଲଗାଇ ଭିଡ଼ିଓ ରେକର୍ଡ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ତଣ୍ଟି ଚିପିଥିଲେ। ସେମାନେ ତାଙ୍କୁ ଏବଂ ତାଙ୍କ ବନ୍ଧୁଙ୍କୁ ଆକ୍ରମଣ କରିବାକୁ ଧମକ ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ତା'ପରେ ସେ ଗଜପତି ନଗରରେ ଥିବା ସମ୍ପୃକ୍ତ ବନ୍ଧୁଙ୍କ ଘରକୁ ଚାଲି ଯାଇଥିଲେ। ଗତ ଜୁନ ୨୪ତାରିଖ ସମ୍ପୃକ୍ତ ଆହତ ନାବାଳକ ଜଣକ ଏନେଇ ନିମଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଶନିବାର ଏହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ଉମେଶ ରଥକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ କୃଷ୍ଣ ସାହା ସୂଚନା ଦେଇଛନ୍ତି। ବର୍ତ୍ତମାନ ଏହି ଘଟଣାର ତନନ୍ତ ଜାରି ରହିଛି। ଫେରାର ଅଭିଯୁକ୍ତକୁ ପୁଲିସ ଖୁବଶୀଘ୍ର ଗିରଫ କରିବ ବୋଲି ସେ କହିଛନ୍ତି।

## ବାଲେଶ୍ୱର ଏଫ୍‌ଏମ୍ କଲେଜରେ ଛାତ୍ରୀଙ୍କୁ ନିର୍ଯାତନା ଘଟଣା

# ଏଆଇଡିଏସ୍‌ଓର ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

ବ୍ରହ୍ମପୁର,୧୩।୭(ସମିସ)




ଏଆଇଡ଼ିଏସ୍‌ଓ ପକ୍ଷରୁ ସ୍ଥାନୀୟ କମାପଲ୍ଲୀ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବ୍ରହ୍ମପୁର ଏସ୍‌ପିଙ୍କ ଜରିଆରେ ପୁଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରେରଣ କରାଯାଇଛି। ବାଲେଶ୍ୱର ସ୍ଥିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜନୈକା ଛାତ୍ରୀ ମହାବିଦ୍ୟାଳୟ ପରିସରରେ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କ ଅବସ୍ଥା ସଂକଟାପନ୍ନ ରହିଥିବାବେଳେ ଭୁବନେଶ୍ୱର ଏମ୍‌ସ୍‌ରେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଶିକ୍ଷାନୁଷ୍ଠାନ ପରିସରରେ ଏପରି ଘଟଣାକୁ ଚାରିଆଡ଼େ ନିନ୍ଦା କରାଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନିକଟରେ ଅଭିଯୋଗ ଦାଖଲ କରାଯାଇଥିଲେ ମଧ୍ୟ ଏଥିପ୍ରତି ଅବହେଳା କରାଯାଇଥିବାରୁ

**ଛାତ୍ରଛାତ୍ରୀଙ୍କ ନିରାପତ୍ତା ସୁନିଶ୍ଚିତ କରିବାକୁ ଦାବି**

ଏଭଳି ଅଭାବନୀୟ ଘଟଣା ଘଟିଥିବା ଏଆଇଡ଼ିଏସଓ ପକ୍ଷରୁ କୁହାଯାଇଛି। ଏଣୁ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମହୁତି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସମସ୍ତ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରିବାକୁ ଦାବି ହୋଇଛି। ସେହିଭଳି ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ସ୍ଥାନରେ ଛାତ୍ରୀମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବାକୁ ଦାବି କରାଯାଇଛି। ବିକ୍ଷୋଭ ବେଳେ ଏଆଇଡିଏସଓ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, ଉପସଭାପତି ପପୁନ ସାହୁଙ୍କ ସହ କିଷାନ କୁମାର ସାହୁ, ଶୁଭସ୍ମିତା ପାଣିଗ୍ରାହୀ, ବାମିଆ ଉଗ୍ରାସାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଗୁରୁ ବନ୍ଦନ କାର୍ଯ୍ୟକ୍ରମ



**ବ୍ରହ୍ମପୁର,୧୩।୭(ସମିସ):** ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ, ଗଞ୍ଜାମ ଶାଖା ପକ୍ଷରୁ ଗୁରୁ ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭିଜନ କ୍ଲାସେସର ଅଧ୍ୟକ୍ଷ ସୁନୀଲ କୁମାର ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନନ୍ଦମାର୍ଗୀ ସନ୍ଥ ଜୟଶିବାନନ୍ଦ ଅବଧୂତ ପ୍ରାଚୀନ ଗୁରୁ ପରମ୍ପରା ବିଷୟରେ କହିଥିଲେ। ମୁଖ୍ୟ ବକ୍ତା ଭାବେ ଚିନ୍ମୟ ମିଶନର ସ୍ୱାମୀ ସଦାଶିବାନନ୍ଦ ଜୀ ମହାରାଜ ଆଧ୍ୟାତ୍ମିକ ଗୁରୁ ଆମମାନଙ୍କୁ ମୋକ୍ଷ ମାର୍ଗ ପ୍ରଦର୍ଶନ କରାଇଥାନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ମଞ୍ଚାସୀନ ଥିଲେ ଭିଜେନ କ୍ଲାସେସ ନିର୍ଦ୍ଦେଶକ ହର୍ଷ ପ୍ରସାଦ ଦାଶ, ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଓଡ଼ିଶା କ୍ଷେତ୍ର ପ୍ରମୁଖ ଗୋପାଳ କୃଷ୍ଣ ପାଢ଼ୀ। ରାଜ୍ୟ ଉପସଭାପତି ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ରାଜ୍ୟ ଯୁଗ୍ମ ସମ୍ପାଦକ କଳାକର ପୃଷ୍ଟି।

